# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 44 CUTTACK, WEDNESDAY, JANUARY 8, 2020/PAUSA 18, 1941**


ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ
(ଭୂ-ଅର୍ଜନ ଉପବିଭାଗ)

**ବିଜ୍ଞପ୍ତି ସଂଖ୍ୟା- ୧୧୯୮ ତାରିଖ-୧୫-୧୧-୨୦୧୯ ସୁନ୍ଦରଗଡ**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତିତ ହେଉଅଛି କି ଯେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ **ମୌଜା- ଫୁଲବାରି**, ଥାନା- ବଡଗାଁ, ତହସିଲ- ବଡଗାଁ, ଜିଲ୍ଲା- ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ **୦.୮୧ ଏକର** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ-୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ନିର୍ମାଣ

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଗୋଷ୍ଠି ନିର୍ବାହୀ ଯନ୍ତ୍ରୀ, ଝାରସୁଗୁଡା/ କେନ୍ଦୁଝର

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ପ୍ରଯୁଜ୍ୟ ନୁହେଁ

୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ଏଥିସହିତ ସଂଲଗ୍ନ କରାଗଲା

୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ସୁନ୍ଦରଗଡ

୬-ଜମିର ବିବରଣୀ- 2

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ବଡଗାଁ | ଫୁଲବାରି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୮୧ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନା ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଖତିୟାନ କପି

**ମୌଜା- ଫୁଲବାରି** **ତହସିଲ- ବଡଗାଁ** **ଜିଲ୍ଲା- ସୁନ୍ଦରଗଡ**

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର ରେ) | ଅର୍ଜନ ରକବା (ଏକର ରେ) | ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୩୮ | ୮୫ | ଗୋଡା-୧ | ୦.୩୫ | ୦.୩୫ | ମାନସି କିସାନ, ପିତା-ମୁଣ୍ଡ୍ରା କିସାନ, ଜାତି-କିସାନ, ବା-ନିଜଗାଁ |
| ୨ | ୨୭ | ୮୬ | ଗୋଡା-୧ | ୦.୪୬ | ୦.୪୬ | ଅହଲ୍ୟା ଲାକ୍ରା, ଧନନ୍ତରୀ କିସାନ, ବାସନ୍ତି କିସାନ, ଉର୍ମିଳା କିସାନ, ପିତା-ପୂର୍ଣ୍ଣଚନ୍ଦ୍ର କିସାନ, ଜାତି-କିସାନ, ବା-ନିଜଗାଁ |
| ମୋଟ | | | | | ୦.୮୧ | |

ରାଜ୍ୟପାଳଙ୍କ ଆଦେଶକ୍ରମେ

**ନିଖିଲ ପବନ କଲ୍ୟାଣ**

**ଜିଲ୍ଲାପାଳ, ସୁନ୍ଦରଗଡ**

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1704—173+20